# NATIONAL NEWS BULLETIN (ODIA)

**16 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିହାର, ଓଡ଼ିଶା ଏବଂ ହରିୟାଣାର ୧୧ଟି ରାଜ୍ୟସଭା ଆସନ ପାଇଁ ଜାରି ରହିଛି ମତଦାନ ।

\- ଆଜି ସଂଧ୍ୟାରେ ଭୋଟ୍‌ଗଣତି ସହ ପ୍ରକାଶ ପାଇବ ଫଳାଫଳ ।

- ପଶ୍ଚିମବଙ୍ଗର ୪ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବାକୁ ନିର୍ଦ୍ଦେଶ ଦେଲେ ନିର୍ବାଚନ ଆୟୋଗ ।
- କଟକ ବଡ଼ଡାକ୍ତରଖାନା ଅଗ୍ନିକାଣ୍ଡ ଘଟଣାର ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ।

\- ଘଟଣା ନେଇ ଗଭୀର ଦୁଃଖପ୍ରକାଶ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଡ୍ରୋନ୍ ଆକ୍ରମଣ ଯୋଗୁଁ ଅସ୍ଥାୟୀଭାବେ ବନ୍ଦ ରହିଥିବା ଦୁବାଇ ବିମାନବନ୍ଦରରୁ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଉଡାଣ ଆରମ୍ଭ ।

ଏବଂ

- ଓଡ଼ିଶା ସମେତ ଦେଶର ବିଭିନ୍ନ ଅଞ୍ଚଳରେ ଝଡ଼ବାତ୍ୟା ଓ କୁଆପଥର ବୃଷ୍ଟି ନେଇ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ ।

# ରାଜ୍ୟସଭା ଇଲେକ୍ସନ

ବିହାର, ଓଡ଼ିଶା ଏବଂ ହରିୟାଣାର ୧୧ଟି ରାଜ୍ୟସଭା ଆସନ ପାଇଁ ମତଦାନ ଜାରି ରହିଛି । ପୂର୍ବରୁ ଗତମାସରେ ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନରେ ଦ୍ୱିବାର୍ଷିକ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ବିଜ୍ଞପ୍ତି ଜାରି କରିଥିଲେ । ସେଥିମଧ୍ୟରୁ ୨୬ଟି ଆସନରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି ।

ବିହାରରେ ୫ଟି ରାଜ୍ୟସଭା ଆସନ ପାଇଁ ଜାରି ରହିଥିବା ମତଦାନରେ ସଂଖ୍ୟାଗତ ଦୃଷ୍ଟିରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ୪ଟି ଆସନ ନିଶ୍ଚିତ ଜିତିବା ନେଇ ବିବେଚନା କରାଯାଇଛି । ୫ମ ଆସନ ପାଇଁ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ । ୬ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି ।

ଓଡ଼ିଶାରେ ୪ଟି ଆସନ ପାଇଁ ମତଦାନ ଚାଲିଛି । ସକାଳ ୯ଟାରୁ ଆରମ୍ଭ ହୋଇଥିବା ମତଦାନ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜାରି ରହିବ । ନିର୍ବାଚନ ପାଇଁ ରଣାଙ୍ଗନରେ ୫ଜଣ ପ୍ରାର୍ଥୀ ରହିଛନ୍ତି । ସେମାନଙ୍କ ମଧ୍ୟରେ ବିଜେପିରୁ ଦଳର ରାଜ୍ୟଶାଖା ସଭାପତି ମନମୋହନ ସାମଲ ଏବଂ ବର୍ତ୍ତମାନର ରାଜ୍ୟସଭା ସଦସ୍ୟ ସୁଜିତ କୁମର ରହିଥିବା ବେଳେ ବିରୋଧୀ ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ର ରହିଛନ୍ତି । ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ କଂଗ୍ରେସ ଓ ବିଜେଡିର ମିଳିତ ପ୍ରାର୍ଥୀଭାବେ ଗଣନା କରାଯାଉଥିବାବେଳେ ବିଜେପି ସମର୍ଥନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ପ୍ରାର୍ଥୀ ହୋଇଛନ୍ତି । ୧୪୭ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିଜେପିର ୭୯ଜଣ ସଦସ୍ୟ ରହିଥିବାବେଳେ ୩ଜଣ ସ୍ୱାଧୀନ ସଦସ୍ୟଙ୍କର

ସମର୍ଥନ ରହିଛି । ବିଜେଡି ପାଖରେ ୨ଜଣ ବିଧାୟକଙ୍କ ନିଲମ୍ବନ ପରେ ମଧ୍ୟ ୪୮ଜଣ ସଦସ୍ୟ ରହିଛନ୍ତି । କଂଗ୍ରେସର ୧୪ ଏବଂ ସିପିଆଇର ଜଣେ ସଦସ୍ୟ ଅଛନ୍ତି । ସଂଧ୍ୟା ୫ଟାରେ ଭୋଟ୍‌ଗଣତି ଆରମ୍ଭ ହୋଇ ଫଳାଫଳ ଘୋଷଣା କରାଯିବାର କାର୍ଯ୍ୟସୂଚୀ ରହିଛି ।

ହରିୟାଣାର ୨ଟି ଆସନ ପାଇଁ ମତଦାନ ଚାଲିଛି ।

## ଇସିଆଇ-ଡବ୍ଲ୍ୟୁବି ଟ୍ରାନ୍ସଫର୍ସ

ପଶ୍ଚିମବଙ୍ଗର ୪ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବାକୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ସେମାନଙ୍କ ମଧ୍ୟରେ ରାଜ୍ୟର ପୁଲିସ ମହାନିର୍ଦ୍ଦେଶକ ଡିଜିପି, କରେକ୍ସନାଲ ସର୍ଭିସେସ୍ ଡିଜି, ଆଇନ୍ ଓ ଶୃଙ୍ଖଳା ବିଭାଗ ଏଡିଜି ଏବଂ କୋଲକାତା ପୁଲିସ କମିଶନର ଅନ୍ତର୍ଭୁକ୍ତ । ୧୯୯୨ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସିଦ୍ଧ ନାଥ ଗୁପ୍ତାଙ୍କୁ ପଶ୍ଚିମବଙ୍ଗର ନୂତନ ପୁଲିସ ମହାନିର୍ଦ୍ଦେଶକ ଭାବେ ଆୟୋଗ ନିଯୁକ୍ତ କରିଛନ୍ତି । ୧୯୯୬ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅଜୟ କୁମାର ନନ୍ଦଙ୍କୁ କୋଲକାତା ପୁଲିସ କମିଶନର, ୧୯୯୧ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏନ୍. ରମେଶ ବାବୁଙ୍କୁ କରେକ୍ସନାଲ ସର୍ଭିସେସ୍ ଡିଜି ଏବଂ ୧୯୯୫ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅଜୟ ମୁକୁନ୍ଦ ରାନାଡେଙ୍କୁ ଆଇନ୍‌ଶୃଙ୍ଖଳା ଏଡିଜି ଭାବେ ଆୟୋଗ ନିଯୁକ୍ତ କରିଛନ୍ତି ।

ସୂଚନାଯୋଗ୍ୟ ନିର୍ବାଚନ ଆୟୋଗ ଗତକାଲି ୪ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା

କରିଛନ୍ତି । ସେଥିମଧ୍ୟରେ ଆସାମ, କେରଳମ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ପୁଡୁଚେରୀ ରହିଛି । ଏଥିସହିତ ସେହିସବୁ ଅଞ୍ଚଳରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି ।

## ବଡ଼ମେଡିକାଲ୍-ଅଗ୍ନିକାଣ୍ଡ

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇ.ସି.ୟୁ. ୟୁନିଟ୍‌ରେ ଆଜି ପ୍ରତ୍ୟୁଷରେ ଘଟିଥିବା ଅଗ୍ନିକାଣ୍ଡରେ ୧୦ ଜଣ ରୋଗୀଙ୍କର ମୃତ୍ୟୁ ହୋଇଛି । ୫ ଜଣଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ପ୍ରାଥମିକ ସୂଚନା ଅନୁଯାୟୀ ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଅଗ୍ନିଶମ ସେବା କର୍ମଚାରୀ, ହସ୍ପିଟାଲ କର୍ମଚାରୀ ଏବଂ ପୁଲିସ ପକ୍ଷରୁ ମିଳିତଭାବେ ଉଦ୍ଧାରକାର୍ଯ୍ୟ କରାଯାଇଥିଲା । ଘଟଣାସ୍ଥଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଶ୍ରୀ ମାଝୀ କହିଛନ୍ତି ଉଦ୍ଧାରକାର୍ଯ୍ୟ ସମୟରେ ଆଇସିୟୁରେ ୭ଜଣ ରୋଗୀଙ୍କର ଏବଂ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର ବେଳେ ୩ ଜଣଙ୍କର ମୃତ୍ୟୁ ହୋଇଛି । ଅଗ୍ନିକାଣ୍ଡ ବେଳେ ୨୩ଜଣ ରୋଗୀ ଆଇସିୟୁରେ ରହିଥିଲେ । ପ୍ରତ୍ୟେକ ମୃତକଙ୍କ ନିକଟ ସଂପର୍କୀୟ ଲାଗି ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଅଗ୍ନିକାଣ୍ଡର ନ୍ୟାୟିକ ତଦନ୍ତ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖପ୍ରକାଶ କରିଛନ୍ତି । ପୃଥକ୍ ପୃଥକ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେମାନେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି । ଶ୍ରୀ ମୋଦୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି ।

## ଦୁବାଇ ଡ୍ରୋନ୍ ଷ୍ଟ୍ରାଇକ୍

ଡ୍ରୋନ୍ ଆକ୍ରମଣ ଯୋଗୁଁ ଦୁବାଇ ଆନ୍ତର୍ଜାତିକ ବିମାନ ବନ୍ଦରରେ ଅସ୍ଥାୟୀ ଭାବେ ବନ୍ଦ ରହିଥିବା ଉଡାଣକୁ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ପୁନଃ ଆରମ୍ଭ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁବାଇ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ତେବେ ଯାତ୍ରା ପୂର୍ବରୁ ସଂପୃକ୍ତ ବିମାନ କମ୍ପାନୀଗୁଡ଼ିକ ସହିତ ଯୋଗାଯୋଗ ରକ୍ଷା ମାଧ୍ୟମରେ ଉଡାଣ ସ୍ଥିତିର ସର୍ବଶେଷ ତଥ୍ୟ ସଂଗ୍ରହ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି । ବିମାନ ବନ୍ଦରର କମ୍ପ୍ଲେକ୍ସ ନିକଟରେ ଆଜି ସକାଳେ ଏକ ଡ୍ରୋନ୍ ଆକ୍ରମଣ ଦ୍ୱାରା ଏକ ଇନ୍ଧନ ଟାଙ୍କି କ୍ଷତିଗ୍ରସ୍ତ ହୋଇଥିଲା । ଘଟଣାସ୍ଥଳରେ ତ୍ୱରିତ ସେବା ପ୍ରଦାନକାରୀ

ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏହି ଆକ୍ରମଣରେ କେହି ମୃତାହତ ହୋଇନଥିବା ଜଣାପଡିଛି ।

ଅନ୍ୟପକ୍ଷରେ ଇରାନ୍‌ର ଗଣମାଧ୍ୟମ ଅପରେସନ କେନ୍ଦ୍ର ପକ୍ଷରୁ ଦୁବାଇ ଏବଂ ଦୋହା ଉପରେ ଅଧିକ ଆକ୍ରମଣ ନେଇ ଚେତାବନୀ ଦେଇଛି । ସଂଘର୍ଷ ଆରମ୍ଭ ହେବା ପରଠାରୁ ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ ୨ହଜାରରୁ ଅଧିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ହୋଇଛି ।

## ୟୁଏସ୍ ଆଲାଇସ୍-ହମରୁଜ୍

ହରମୁଜ୍ ପ୍ରଣାଳୀକୁ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟ ନେଇ କୌଣସି ଜାହାଜ ପଠାଇବାର ଯୋଜନା ନାହିଁ ବୋଲି ଜାପାନ, ଅଷ୍ଟ୍ରେଲିଆ ଏବଂ ବ୍ରିଟେନ୍ ସ୍ପଷ୍ଟ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏ ସଂକ୍ରାନ୍ତ ଅନୁରୋଧ ପରିପ୍ରେକ୍ଷୀରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା କୁହାଯାଇଛି । ଜାପାନ ପ୍ରଧାନମନ୍ତ୍ରୀ ସାନେ ତାକାଇଚି କହିଛନ୍ତି ଦେଶର ନୌସେନା ସମ୍ପତ୍ତିକୁ ଏଥିପାଇଁ ବ୍ୟବହାର କରାଯିବାର କୌଣସି ଯୋଜନା ନାହିଁ । ଅଷ୍ଟ୍ରେଲିଆର ମନ୍ତ୍ରୀ କ୍ୟାଥରିନ କିଙ୍ଗ କହିଛନ୍ତି ନୌ ସୁରକ୍ଷା ନେଇ ଅଷ୍ଟ୍ରେଲିଆକୁ ଆନୁଷ୍ଠାନିକ ଭାବେ କୌଣସିପ୍ରକାର ଅନୁରୋଧ କରାଯାଇ ନାହିଁ । ବ୍ରିଟେନ ପ୍ରଧାନମନ୍ତ୍ରୀ କୈର ଷ୍ଟାର୍‌ମର କହିଛନ୍ତି ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ହରମୁଜ୍ ପ୍ରଣାଳୀକୁ ଖୋଲିବା ପାଇଁ ଆଲୋଚନା ହୋଇଛି ।

କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ସହିତ ମଧ୍ୟ ଏ ସମ୍ପର୍କରେ ବିଚାରବିମର୍ଷ ହୋଇଥିବା ସେ ସୂଚନା ଦେଇଛନ୍ତି ।

## ଏଲ୍ଏସ୍-ସେଲ୍ଫ ଏମ୍ପ୍ଲଏମେଣ୍ଟ

ଦେଶରେ ଆତ୍ମନିଯୁକ୍ତି କ୍ଷେତ୍ର ବୃଦ୍ଧି ପାଇଥିବା ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି । ଲୋକସଭାରେ ଆଜି ପ୍ରଶ୍ନକାଳରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମାଣ୍ଡବ୍ୟ କହିଛନ୍ତି ୨୦୧୭-୧୮ ମସିହାରେ ରହିଥିବା ଆତ୍ମନିଯୁକ୍ତି କ୍ଷେତ୍ର ୫୨ ପ୍ରତିଶତରୁ ଏବେ ବୃଦ୍ଧିପାଇ ୫୮ପ୍ରତିଶତରେ ପହଞ୍ଚିଛି । ଅର୍ଥନୈତିକ ଅଭିବୃଦ୍ଧି ସହିତ ଶ୍ରମିକଙ୍କ ଆୟ ମଧ୍ୟ ବୃଦ୍ଧି ପାଉଛି । ଶ୍ରମିକଙ୍କ ଦୈନିକ ହାରାହାରି ମଜୁରୀ ୨୦୧୭-୧୮ ମସିହାରେ ରହିଥିବା ୨୯୫ଟଙ୍କାରୁ ବୃଦ୍ଧି ପାଇଁ ଏବେ ୪୧୮ ଟଙ୍କା ହୋଇଛି । ନୂତନ ଶ୍ରମସଂହିତା ଅନୁଯାୟୀ ସର୍ବନିମ୍ନ ମଜୁରୀ ସ୍ଥିର କରାଯିବା ସହିତ ସବୁ ରାଜ୍ୟକୁ ଏହାଠାରୁ ଅଧିକ ମଜୁରୀ ଦେବାକୁ ପରାମର୍ଶ ଦିଆଯାଇଛି ବୋଲି ଶ୍ରୀ ମାଣ୍ଡବ୍ୟ ଗୃହରେ କହିଛନ୍ତି ।

**V/O (Mansukh Mandaviya)**

## ରାଜ୍ୟସଭା-ଏଲ୍ପିଜି କ୍ରାଇସେସ୍

ଦେଶରେ ଏଲ୍ପିଜି ସଂକଟକୁ ମାଧ୍ୟମ କରି କଂଗ୍ରେସ ରାଜନୀତି କରୁଛି ବୋଲି ରାଜ୍ୟସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଏଭଳି ପରିସ୍ଥିତି ଭାରତ ଯୋଗୁଁ ସୃଷ୍ଟି ହୋଇନାହିଁ

କିମ୍ବା ଏଥିରେ ଭାରତର କୌଣସି ଭୂମିକା ନାହିଁ । ତେବେ ଏଭଳି ପରିସ୍ଥିତିରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସହଯୋଗ କରିବା ପରିବର୍ତ୍ତେ ରାଜନୈତିକ ଫାଇଦା ନେବାପାଇଁ ଚେଷ୍ଟା କରୁଛନ୍ତି ।

**V/O (Nadda LPG)**

ଗୃହରେ ଆଜି ଶୂନ୍ୟକାଳରେ ବିରୋଧୀଦଳ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏଲ୍‌ପିଜି ପ୍ରସଙ୍ଗ ଉପରେ ଆଲୋକପାତ କରି ସରକାର ଏଭଳି ସଂକଟର ମୁକାବିଲା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ସମ୍ବାଦ ସେବା ବିଭାଗ ପକ୍ଷରୁ ଆଜି ରାତି ସାଢ଼େ ୯ଟାରୁ ୧୦ଟା ମଧ୍ୟରେ ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ପ୍ରସାରଣ କରାଯିବ । ଆଜିର କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି **ଉପଭୋକ୍ତାଙ୍କ ଅଧିକାର ଏବଂ ଦାୟିତ୍ୱ** । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରି ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଆଇଏମ୍‌ଡି ଓ୍ୱେଦର

ବିହାର, ପୂର୍ବ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗର ଗାଙ୍ଗେୟକ୍ଷେତ୍ର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳରେ ଝଡ଼ବାତ୍ୟା ତଥା କୁଆପଥର ବୃଷ୍ଟି ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରିକରିଛି । ଆସନ୍ତାକାଲି ପର୍ଯ୍ୟନ୍ତ ଅରୁଣାଚଳପ୍ରଦେଶ, ଆସାମ ଏବଂ ମେଘାଳୟରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।